**Publication:** Sarbasadharan
**Date:** 24/08/2016
**Edition:** Bhubaneswar
**Page No:** 13
**Headline:** TCS IT WIZ on 26th

# ୨୬ରେ ଟିସିଏସ୍ ଆଇଟି ୱିଜ୍-୨୦୧୬

ଭୁବନେଶ୍ୱର, (ବ୍ୟୁରୋ): ପ୍ରମୁଖ ଆଇଟି ସର୍ଭିସେସ୍, କନ୍‌ସଲ୍‌ଟିଂ ଏବଂ ବ୍ୟବସାୟ ସମାଧାନକାରୀ ସଂସ୍ଥା, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ଅଗଷ୍ଟ ୨୬ ରେ ଜୟଦେବ ବିହାର ରୋଡ୍‌ସ୍ଥିତ ପାଲ୍ ହାଇଟ୍ସ, ଜୋ୭ରେ ଆଇଟି ୱିଜ୍ ୨୦୧୬ ଅନୁଷ୍ଠିତ ହେବାର ଘୋଷଣା କରାଯାଇଛି। ଏଥିପାଇଁ କୌଣସି ଫି' ଦେବାକୁ ପଡ଼ିବ ନାହିଁ ବୋଲି କମ୍ପାନୀ ସ୍ପଷ୍ଟିକରଣ କରିଛି। ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରତି ଶିକ୍ଷାନୁଷ୍ଠାନ ୨ ସଦସ୍ୟ ବିଶିଷ୍ଟ ଏକାଧିକ ଟିମ୍ ପଠାଇ ପାରିବେ। ଟିସିଏସ୍ ଆଇଟି ୱିଜ୍-୨୦୧୬ ଭାରତର ୧୫ଟି ସ୍ଥାନ ଅହମ୍ମଦାବାଦ୍, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ୍, ଇନ୍ଦୋର, କୋଚି, କୋଲ୍‌କାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପୁନେ ଓ ବିଶାଖାପାଟନମ୍‌ରେ ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ନିଜ ଅନୁଷ୍ଠାନ ମାଧ୍ୟମରେ କାଳି ପ୍ରସାଦ ତ୍ରିପାଠୀ, ଟିସିଏସ୍ ଆଇଟି ୱିଜ୍_କୋଅର୍ଡିନେଟର, ଆଇଟି/ ଆଇଟିଇଏସ୍ ଏସ୍‌ଇଜେଡ୍, ପ୍ଲଟ୍ ନମ୍ବର-୩୫, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪କୁ ଅଗଷ୍ଟ ୨୩ ସୁଦ୍ଧା ଆବେଦନ ପତ୍ର ପଠାଇବାକୁ କମ୍ପାନୀ ପକ୍ଷରୁ କୁହାଯାଇଛି। କ୍ୱିଜ୍ ଫର୍ମାଟ୍‌ରେ ଲିଖିତ ପ୍ରିଲିମିନାରୀ ପରୀକ୍ଷାର ଟପ୍ ୬ ଟିମ୍ ହିଁ ଆଞ୍ଚଳିକ ଫାଇନାଲ୍ ପାଇଁ ଉତ୍ତୀର୍ଣ୍ଣ ହୋଇପାରିବେ। ଆଞ୍ଚଳିକ ଦଳଗୁଡ଼ିକର ବିଜେତାମାନେ ଡିସେମ୍ବରରେ ହେବାକୁ ଥିବା ମେଗା ଫାଇନାଲ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିଜେତା ଟିମ୍ ଜଣେ ଲେଖାଏଁ ଏସ୍କର୍ଟ ସହ ମୁମ୍ବାଇକୁ ଉଡ଼ାଣ ଭରିବେ। ଚଳିତ ବର୍ଷ ଟିସିଏସ୍ ଆଇଟି ୱିଜାର୍ଡ ଆଞ୍ଚଳିକ ଚାମ୍ପିଅନ୍‌ଙ୍କୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ମିଳିବାକୁ ଥିବାବେଳେ ରନର୍ସ ଅପ୍ ଟିମ୍ ସଦସ୍ୟଙ୍କୁ ଆଇପ୍ୟାଡ୍ ମିନି ସମେତ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଟ୍ରଫି ଓ ମେଡାଲ ମିଳିବ। ୬ ଚୂଡ଼ାନ୍ତ ଦଳକୁ ଟିସିଏସ୍ ପକ୍ଷରୁ ସ୍ପେସ୍ ପ୍ୟାକ୍, ସେଲ୍‌ଫି ଷ୍ଟିକ୍, ଇୟର ଫୋନ୍, ବ୍ଲୁଟୁଥ୍ ସ୍ପିକର୍ ଏବଂ ପେନ୍‌ଡ୍ରାଇଭ ପ୍ରଦାନ କରାଯିବ।